## ବିଧାୟକଙ୍କ ଦ୍ୱାରା ରାସ୍ତା, ପୋଲ ଶିଳାନ୍ୟାସ

ବାହାନଗା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ପଞ୍ଚାୟତର ଦରଡିହା ଗ୍ରାମର ଏକ ରାସ୍ତା ଓ ପୋଲ ଉନ୍ନତୀକରଣ ନିମନ୍ତେ ୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ସେହି ରାସ୍ତାକୁ ଗୁରୁବାର ସୋର ବିଧାୟକ ପର୍ଶୁରାମ ଧଡା ଶିଳାନ୍ୟାସ କରିଛନ୍ତି। ଏଥିନିମନ୍ତେ ଗ୍ରାମରେ ଏକ ଶିଳାନ୍ୟାସ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଶ୍ରୀଧର ମହାନ୍ତି, ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ସୁମନ୍ତ ନାୟକ ଓ କରୁଣା ବାରିକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ କିନ୍ନରଙ୍କ ମୃତ୍ୟୁ

ବାରିପଦା ଅଫିସ,୨୭।୪- ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ୧୮ ନଂ. ଜାତୀୟ ରାଜପଥର ମଞ୍ଚାବନ୍ଧାଠାରେ ବୁଧବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣେ କିନ୍ନରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ କିନ୍ନର ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଅଞ୍ଚଳର ରାମଚନ୍ଦ୍ର ଗିରି ଓରଫ ସଙ୍ଗୀତ(୩୨)। ଗୁରୁତର ସୁଶ୍ରୀ ପ୍ରିୟଙ୍କାଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକ ଫେରାର ଥିବା ବେଳେ ସଦର ଥାନା ପୋଲିସ ଏକ ମାମଲା(ନଂ.୯୨/୨୩) ରୁଜୁ କରି ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଦୁଇ କିନ୍ନରଙ୍କୁ ବୋଲେରୋଟି ଧକ୍କା ଦେବାରୁ ସେମାନେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରି ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲା।

### ପଞ୍ଚାୟତ ଗୃହ ଉଦ୍‌ଘାଟିତ

ଭୋଗରାଇ, ୨୭।୪(ଡି.ଏନ.ଏ.)-ଦୀର୍ଘବର୍ଷର ବ୍ୟବଧାନ ପରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତରେ ୩୫ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ଗୃହକୁ ଗୁରୁବାର ଉଦ୍‌ଘାଟନ କରି ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇଛନ୍ତି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏହି ନୂତନ ପଞ୍ଚାୟତ ଗୃହ ପଞ୍ଚାୟତବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ଘାଟିତ ହୋଇଥିବାରୁ ୪ଟି ଗାଁ ୧୫ୱାର୍ଡ଼ର ୬ ହଜାର ଲୋକ ଉପକୃତ ହେବେ ବୋଲି ସୂଚନା ଦେଇଥିଲେ। ଏହି ପଞ୍ଚାୟତ ନୂତନ ଭାବେ ଗଠନ ହେଲା ପରେ ରାଜନୈତିକ ବାଦ ବିବାଦ ଯୋଗୁ ପଞ୍ଚାୟତ ଗୃହ ନିର୍ମାଣ ବାଧାପ୍ରାପ୍ତ ହୋଇଥିଲା। ଏଣିକି ଉକ୍ତ ପଞ୍ଚାୟତ ଉଦ୍‌ଘାଟନ ହୋଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, ବିଡ଼ିଓ ଶଙ୍କର କୁମାର ପଟ୍ଟନାୟକ, ସରପଞ୍ଚ ବରେନ୍ଦ୍ର କୁମାର ପାତ୍ର, ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସରପଞ୍ଚ ସୁମନ୍ତ ବେହେରା, ପଞ୍ଚାୟତର ସମସ୍ତ ୱାର୍ଡ଼ମେମ୍ବର, ଆଶା, ଅଙ୍ଗନୱାଡ଼ି ଓ ମିଶନ ଶକ୍ତିର ଶତାଧିକ ମହିଳା ଯୋଗଦେଇଥିଲେ।

### କଳାକାରଙ୍କ ପରଲୋକ

ଭଣ୍ଡାରିପୋଖରୀ,୨୭।୪(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଗରଦପୁର ଗ୍ରାମର କଳାକାର ସରୋଜ କୁମାର ମହାପାତ୍ରଙ୍କ(୫୮) ହୃଦ୍‌ଘାତରେ ମଙ୍ଗଳବାର ପରଲୋକ ହୋଇଛି। ସେ ମୋଗଲ ତାମ୍‌ସାର ଦକ୍ଷ କଳାକାର ଥିଲେ। ଗ୍ରାମରେ ହେଉଥିବା ଅନେକ ମଞ୍ଚ ନାଟକରେ ଅଭିନୟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସେ କଳାକାର ଭତ୍ତା ପାଉଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଝିଅ, ଭାଇ ଭାଉଜଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

ବାଲିଆପାଳ, ୨୭।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଗୁରୁବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଶେଷ କରି ଗତ ୨୦୨୧ ଅକ୍ଟୋବରଠାରୁ ୨୦୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବିଷୟରେ ସାମାଜିକ ସମୀକ୍ଷା ଜନଶୁଣାଣି ଉପରେ ଆଲୋଚନା କରାଯାଇଥିଲା। ଏହା ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତ ପାଇଁ ନିଯୁକ୍ତ ଭିଆରପିମାନେ ପ୍ରତ୍ୟେକ ପଞ୍ଚାୟତକୁ ଯାଇ ସାମାଜିକ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସରେ ବହୁ ସମସ୍ୟା ବିଷୟରେ ଜିଲା ଓ ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ। ସମସ୍ତ ବିଷୟରେ ତୁରନ୍ତ ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର କହିଥିଲେ। ସାମାଜିକ ସମୀକ୍ଷା ଶିବିରରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବ୍ଲକ ସହକାରୀ ଯନ୍ତ୍ରୀ ଗିରିଜା ଶଙ୍କର ପ୍ରଧାନ, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା କମିଟି ସଦସ୍ୟ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପାଦକ ଅଜୟ କୁମାର ସାହୁ, ବ୍ଲକ ପ୍ରୋଜେକ୍ଟ କୋର୍ଡ଼ିନେଟର ଈପ୍‌ସିତା ଦେ, ଏପିଓ ସୌମ୍ୟରଞ୍ଜନ ଦେ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ। ବ୍ଲକ ସୋସିଆଲ ଅଡ଼ିଟ୍ କୋର୍ଡିନେଟର ସଞ୍ଜିବ ଜେନା ଧନ୍ୟବାଦ ଦେଇଥିଲେ। ବ୍ଲକର ସମସ୍ତ ଭିଆର୍‌ପି, ସମସ୍ତ କନିଷ୍ଠଯନ୍ତ୍ରୀ, ଜିଆର୍‌ଏସ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏବଂ ସରପଞ୍ଚ, ସମିତି ସଦସ୍ୟମାନେ ଯୋଗଦେଇଥିଲେ।

# ଅସ୍ତ୍ରୋପଚାର ପାଇଁ ୪୦ ହଜାର ମାଗିଲେ ଡାକ୍ତର

## ଜିଲା ମୁଖ୍ୟ ଚିକିତ୍ସାଳୟ

- ସିଡିଏମ୍‌ଓଙ୍କୁ ଘେରିଲା ଓକିଲ ସଂଘ
- ମାଗଣା ଚିକିତ୍ସା ପ୍ରଦାନ କରାଯିବ

କେନ୍ଦୁଝର,୨୭।୪(ସ୍ୱ.ପ୍ର.)


ସିଡିଏମ୍‌ଓ କିଶୋର କୁମାର ପୃଷ୍ଟି ଓ ଜିଲା ଓକିଲ ସଂଘ କର୍ମକର୍ତ୍ତା।

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଜଣେ ରୋଗୀଙ୍କୁ ଚିକିତ୍ସା ପାଇଁ ଅର୍ଥ ମାଗିବା ଅଭିଯୋଗ ହୋଇଛି। ଡାକ୍ତରଖାନାରେ ଅପରେଶନ ସୁବିଧା ନ ଥିବା କହି ଏକ ଘରୋଇ ଡାକ୍ତରଖାନାକୁ ଯିବାକୁ କହିଥିଲେ। ଏଥିପାଇଁ ୪୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଦାବି କରିଥିଲେ। ଘଟଣାକୁ ନେଇ ଜିଲା ଓକିଲ ସଂଘ ସିଡିଏମ୍‌ଓ (ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ)ଙ୍କୁ ଘେରିଥିଲେ। ଏନେଇ ମେଡିକାଲ ପରିସରରେ ଉତ୍ତେଜନା ଲାଗି ରହିଥିବା ବେଳେ ସିଡିଏମ୍‌ଓଙ୍କ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡ଼ିଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଘଟଗାଁ ବ୍ଲକ୍ ମେଦିନପୁରର ଜଳଧର ମୁଣ୍ଡାଙ୍କ ୨ ବର୍ଷର ଝିଅ ଲିପ୍‌ସା ମୁଣ୍ଡାଙ୍କ ଡାହାଣ ହାତରେ ୬ଟି ଆଙ୍ଗୁଳି ରହିଛି। ଗୋଟିଏ ଆଙ୍ଗୁଳି ଅସ୍ତ୍ରୋପଚାର କରି ଅଲଗା କରିବା ପାଇଁ ଗତ ୨୦ତାରିଖରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ମୁଖ୍ୟ ଚିକିତ୍ସାଳୟରେ ସୁବିଧା ନ ଥିବା ଦର୍ଶାଇ ଅସ୍ଥିଶଲ୍ୟ ବିଭାଗ ଡା. ଅନିଲ କୁମାର ପଣ୍ଡା ଘରୋଇ ଡାକ୍ତରଖାନାକୁ ଯିବାକୁ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରେ ଝିଅର ନାମ ନ ଥିବାରୁ ଅସ୍ତ୍ରୋପଚାର ପାଇଁ ୪୦ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ଝିଅର ମା' ସୌଦାମିନୀ ମୁଣ୍ଡା ୪/୫ ହଜାର ଟଙ୍କା ଦେବେ ବୋଲି କହିବାରୁ ଡାକ୍ତର ଅସ୍ତ୍ରୋପଚାର କରିବାକୁ ମନା କରିଥିଲେ। ଘଟଣା ସମ୍ପର୍କରେ ଜିଲା ଓକିଲ ସଂଘ ଜାଣିବା ପରେ ସଭାପତି ଆଶିଷ ଚକ୍ରବର୍ତ୍ତୀ, ସମ୍ପାଦକ ସଞ୍ଜିତ୍ ଦାସ ଓ କର୍ମକର୍ତ୍ତାମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ପୃଷ୍ଟିଙ୍କୁ ଘେରିଥିଲେ। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶ୍ୱିନୀ ଦେ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଶିଶୁଟିର ମାଗଣାରେ ଅସ୍ତ୍ରୋପଚାର କରାଯିବ। ଡିଏମ୍‌ଏଫ୍‌ରେ ନିଯୁକ୍ତି ପାଇଥିବା ସମ୍ପୃକ୍ତ ଡାକ୍ତରଙ୍କୁ ଚେତାବନୀ ଦିଆଯାଇଥିବା କହିଥିଲେ। ଡାକ୍ତରଖାନାରେ ଅସ୍ତ୍ରୋପଚାର ପାଇଁ ଉପଯୁକ୍ତ ସୁବିଧା ନ ଥିବା ସିଡିଏମ୍‌ଓ ସ୍ୱୀକାର କରିବା ସହ ଏ ନେଇ ସରକାରଙ୍କୁ ଚିଠି ଲେଖିଥିବା କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତର ପଣ୍ଡା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଅର୍ଥ ଦାବି କରି ନାହାନ୍ତି। ମେଡିକାଲରେ ଅସ୍ତ୍ରୋପଚାର ସୁବିଧା ନାହିଁ, ତେଣୁ ବାହାରେ କଲେ ଟଙ୍କା ଆବଶ୍ୟକ। ସ୍ୱାସ୍ଥ୍ୟ କାର୍ଡ ଥିଲେ ମାଗଣାରେ ଚିକିତ୍ସା ହୋଇପାରିବ ବୋଲି କହିଥିବା ସ୍ପଷ୍ଟୀକରଣ ରଖିଛନ୍ତି।

ଓକିଲ ସଂଘ ସଭାପତି ଚକ୍ରବର୍ତ୍ତୀ କହିଛନ୍ତି, କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଧରଣୀଧର ମେଡିକାଲ କଲେଜର ବହୁ ଡାକ୍ତର କ୍ଲିନିକ, ଘରୋଇ ହସ୍ପିଟାଲରେ ରୋଗୀ ଦେଖୁଛନ୍ତି। ତେଣୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନା ନ ପଠାଇ ଘରୋଇ ହସ୍ପିଟାଲକୁ ପଠାଉଛନ୍ତି। ଏଣୁ ସରକାରଙ୍କ ମାଗଣା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଛି। ଚିକିତ୍ସାରେ ଅବହେଳା ହେବା ଭୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମୁହଁ ଖୋଲୁ ନ ଥିବା ବେଳେ ଅସନ୍ତୋଷ ଲାଗି ରହୁଛି। କେତେଜଣ ଡାକ୍ତର ମେଡିକାଲରେ ପୂର୍ବାହ୍ନରେ ଡ୍ୟୁଟି କରି ଅପରାହ୍ନରେ ଆସୁ ନାହାନ୍ତି। ଫଳରେ ରୋଗୀମାନେ ସେବାରୁ ବଞ୍ଚିତ ହେଉଛନ୍ତି। ଏହାର ତଦାରଖ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଜଦୁର ସଂଘର ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ସଂଘର କର୍ମକର୍ତ୍ତାମାନେ।

ବାରିପଦା ଅଫିସ,୨୭।୪

ଭାରତୀୟ ମଜଦୁର ସଂଘ ପକ୍ଷରୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଜରିଆରେ ବୁଧବାର ପ୍ରଦାନ କରାଯାଇଛି। ଜିଲା ସଭାପତି ସରସ୍ୱତୀ ଟୁଡୁ ଓ ସମ୍ପାଦକ ବୁଦ୍ଧିରାଜ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନେକ ସଂଖ୍ୟକ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଥିଲେ। ସଂଘର ୨୦ତମ ତ୍ରୟୋବାର୍ଷିକ ଅଧିବେଶନରେ ପାରିତ ହୋଇଥିବା ପ୍ରସ୍ତାବ ସମ୍ବନ୍ଧରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦେଶର ସମସ୍ତ ଶ୍ରମିକ ବର୍ଗଙ୍କୁ ସାମାଜିକ ସୁରକ୍ଷା ଅନ୍ତର୍ଗତ ସୁବିଧା ଉପଲବ୍ଧ କରାଯିବା, ଠିକା ଶ୍ରମ ଅଧିନିୟମ ୧୯୭୦ର ଆବଶ୍ୟକ ସଂଶୋଧନ, ଦେଶର ଆର୍ଥିକ ବିକାଶ ନିମିତ୍ତ ଜାତୀୟ ଶ୍ରମ ନୀତି ପ୍ରସ୍ତୁତ କରାଯିବା, ସର୍ବନିମ୍ନ ମଜୁରୀ ବଦଳରେ ଜୀବିକା ଆଧାରିତ ମଜୁରୀ ନିର୍ଦ୍ଧାରଣ ଆଦି ଦାବି ଜଣାଯାଇଛି। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ସମଲିଙ୍ଗୀ ବିବାହକୁ ବିରୋଧ

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ଭଦ୍ରକ ନାରୀ ସମାଜ ପକ୍ଷରୁ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଭଦ୍ରକ ଅଫିସ, ୨୭।୪

ସର୍ବୋଚ୍ଚ ନ୍ୟାୟାଳୟରେ ସମଲିଙ୍ଗୀ ବିବାହ ବିଷୟକୁ ନେଇ ତତ୍ପରତା ବିରୋଧରେ ଭଦ୍ରକ ନାରୀ ସମାଜ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସୁପ୍ରିମକୋର୍ଟରେ ଅନେକ ଜଟିଳ ବିଷୟ ବିଚାରାଧୀନ ରହିଛି। ତାହାର ଶୁଣାଣି ଓ ନିଷ୍ପତ୍ତି ନେବାରେ ଗୁରୁତ୍ୱ ଦେଉ ନ ଥିବାବେଳେ ସମଲିଙ୍ଗୀ ବିବାହ ବ୍ୟବସ୍ଥା ପାଇଁ ତତ୍ପରତା ଦେଖାଇବା ଆଶ୍ଚର୍ଯ୍ୟଜନକ। ଭାରତରେ ପ୍ରାକ୍ ବୈଦିକ କାଳରୁ ପୁରୁଷ ମହିଳାଙ୍କ ମଧ୍ୟରେ ବିବାହକୁ ସ୍ୱୀକୃତି ଦିଆଯାଇଛି। ବିବାହ ବ୍ୟବସ୍ଥାକୁ ଏକ ପବିତ୍ର ମିଳନ ଭାବେ ଭାରତୀୟ ସଂସ୍କୃତି ସ୍ୱୀକୃତି ଦେଇଛି। ସମଲିଙ୍ଗୀ ବିବାହ ସଂସ୍କୃତି ଓ ପ୍ରକୃତି ବିରୋଧୀ ବୋଲି ସେମାନେ ଏଥିରେ ଉଲ୍ଲେଖ କରିଛନ୍ତି। ଏନେଇ ଭଦ୍ରକ ନାରୀ ସମାଜର ପ୍ରତିନିଧି ସରୋଜିନୀ ଦାସଙ୍କ ନେତୃତ୍ୱରେ ନଳିନୀବାଳା ଦାଶ, ମଧୁସ୍ମିତା ମହାପାତ୍ର, କବିତା ସାହୁ, ରଞ୍ଜୁଲତା ସ୍ୱାଇଁ, ସିପ୍ରା ରାଉତ, ମୋନାଲିସା ରାଉତ, ପ୍ରିୟଙ୍କା ମହାନ୍ତି ପ୍ରମୁଖ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ସ୍ଥାନ, ଅସ୍ଥାୟୀ ଶ୍ରେଣୀ କକ୍ଷ ନିରୀକ୍ଷଣକଲା ପ୍ରତିନିଧି ଦଳ


କେନ୍ଦ୍ରୀୟ ଦଳ ସ୍ଥାନ ପରିଦର୍ଶନ କରୁଛନ୍ତି।

## ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ

ଚମ୍ପୁଆ,୨୭।୪(ଡି.ଏନ.ଏ)

କେନ୍ଦୁଝର ଜିଲା ଚମ୍ପୁଆ ସଦର ମହକୁମାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଆଶା ଉଜ୍ଜ୍ୱଳ ହୋଇଛି। ଏ ନେଇ କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍ ଚମ୍ପୁଆଠାରେ ପ୍ରସ୍ତାବିତ ସ୍ଥାନ ନିରୀକ୍ଷଣ କରିଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଅସ୍ଥାୟୀ ଭାବେ ଖୋଲାଯିବାକୁ ଥିବା ଶ୍ରେଣୀ ଗୃହ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଦୀର୍ଘ ଦିନରୁ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଜମିର କିସମ ପରିବର୍ତ୍ତନ ପ୍ରତିବନ୍ଧକ ସାଜିଥିଲା। ସ୍ଥାନୀୟ ପ୍ରଶାସନର ପ୍ରଚେଷ୍ଟାରେ ଏହାର କିସମ ପରିବର୍ତ୍ତନ କରାଯାଇପାରିଛି। ଏହା ଡିଏଲସିରେ ଅନୁମୋଦନ ପାଇବା ପରେ ଗଣଶିକ୍ଷା ବିଭାଗ, ଜଙ୍ଗଲ ବିଭାଗ ଓ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ଅବଗତ କରାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି କେଭି ସଂଗଠନର ଏକ ଟିମ୍ ପରିଦର୍ଶନ କରିଛି। ଟିମ୍‌ରେ କେନ୍ଦ୍ରୀୟ ବିଦ୍ୟାଳୟ ମଣ୍ଡଳୀର ଅଧ୍ୟକ୍ଷ ଏକେ ସିଡ୍, ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଏକେ ମିଶ୍ର, କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟର ଏସକେ ସେଠୀ, ସିପିଡବଲ୍ୟୁଡି ଇଞ୍ଜିନିୟର ବିଜୟ ସୋରେନ ପ୍ରମୁଖ ତଦାରଖ କରିଥିଲେ। ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ କୁମାର ମାଝି, ତହସିଲଦାର ଡ. ସାଇ ସସ୍ମିତା ହୋତା, ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ, ଚମ୍ପୁଆ ବିକାଶ ପରିଷଦର ଧନୁର୍ଜ୍ଜୟ ଲାଗୁରୀ, ବିଦ୍ୟାଧର ମହାନ୍ତ, ସାନ୍ତନୁ ଦାସ, ମୁସଲିମ ଅଖତର ପ୍ରମୁଖ ସହଯୋଗ କରିଥିଲେ। ଦଳ ବିଭିନ୍ନ ଦିଗ ପ୍ରତି ତଦାରଖ କରିବା ପରେ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ନିର୍ମିତ ଅସ୍ଥାୟୀ ଶ୍ରେଣୀ ଗୃହ ପରିଦର୍ଶନ କରିଥିଲେ।

## ୩ରୁ ବିଜୁ ପ୍ରିମିୟର ଲିଗ୍

କୋଡ଼ପଡ଼ା/ଆନନ୍ଦପୁର,୨୭।୪ (ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଷ୍ଟାଡ଼ିୟମଠାରେ ଦିବାରାତ୍ର ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଇ ୩ ରୁ ଆରମ୍ଭ ହେବ। ବିଜୁ ପ୍ରିମିୟର ଲିଗ୍ କ୍ରିକେଟ୍ କମିଟି ଓ କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ଅପ୍ରେଲ ୨୬ ରୁ ୩୦ ପର୍ଯ୍ୟନ୍ତ ହେବାକୁ ସ୍ଥିର ହୋଇଥିବା ବେଳେ ବର୍ଷା ଯୋଗୁ ଖେଳର ତାରିଖ ପରିବର୍ତ୍ତନ କରାଯାଇଥିଲା। ଏବେ ମଇ ୩ ରୁ ୭ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆନନ୍ଦପୁର ଉପ-ଜିଲାପାଳ ତଥା କ୍ରୀଡ଼ା ସଂସଦର ସଭାପତି ଅନିଲ କୁମାର ସେଠୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ହାଟଡ଼ିହୀ ଓ ବାରଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟର ରଣଜୀ ଖେଳାଳୀଙ୍କ ସହ ଆଇପିଏଲ ଖେଳାଳୀ ଏହି ପ୍ରତିଯୋଗିତାରେ ବିଭିନ୍ନ ଦଳ ପକ୍ଷରୁ ଖେଳୁଥିବାର ସୂଚନା ମିଳିଛି।

## ଫେରାର ଅଭିଯୁକ୍ତ ଗିରଫ

ପଦ୍ମପୁର, ୨୭।୪ (ଡି.ଏନ.ଏ.)

ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ତିହିଡ଼ି ଥାନା ଅଧୀନ ବରୁଣେଇ ଗ୍ରାମର ଚନ୍ଦନ କୁମାର ପଲେଇ। ତାଙ୍କ ନାମରେ ସାବରଙ୍ଗ ଥାନାରେ ମାମଲା (ନଂ.୧୫୫/୨୨) ଥିଲା। ଏନେଇ ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ଜିଆର୍ ମାମଲା (ନଂ. ୨୪୯୬/୨୨) ରୁଜୁ ହୋଇଥିଲା। ଏନେଇ କୋର୍ଟରେ ୱାରେଣ୍ଟ ଜାରି ହୋଇଥିଲା। ଗୁରୁବାର ଚନ୍ଦନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ରନାଥ ସିଙ୍କୁ କହିଛନ୍ତି।

## ଖଇରା ବିଡିଓଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟୀ ସଭାରେ ମଞ୍ଚାସୀନ ଅତିଥି।

ଖଇରା, ୨୭।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କର ବଦଳି ହୋଇଯାଇଥିବା ବେଳେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଅଭିଲିପ୍ସା ସାହୁ ସଭାପତିତ୍ୱ କରିଥିଲେ। ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ବିଡିଓଙ୍କ ଅଢେଇ ବର୍ଷର ଶାସନରେ ଆବାସ, ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଓଡିଶା ଜୀବିକା ମିଶନ, ସ୍ୱଚ୍ଛ ଭାରତ ଭଳି ଯୋଜନାରେ ଜିଲାରେ ୧ ନମ୍ବର ହୋଇଥିବା ବେଳେ କାୟାକଳ୍ପରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ମଧ୍ୟ ପୁରସ୍କୃତ ପାଇଁ ଯୋଗ୍ୟତା ହାସଲ କରିଥିବା କହିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଳ ବାରିକ, ବ୍ଲକ ଯୋଗାଣ ଅଧିକାରୀ ରାମେୟା ହେମ୍ବ୍ରମ, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ହିସାବ ରକ୍ଷକ ରୁଦ୍ରପ୍ରସାଦ ପରିଡା ଓ ସିପି ଶଶିକାନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ।

# ବାରିକପୁର ବଜାରରେ ଗୋଷ୍ଠୀ ଶୌଚାଳୟ ଦାବି

ବାରିକପୁର, ୨୭।୪(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବାରିକପୁର ବଜାରରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ବଜାର କମିଟି ପକ୍ଷରୁ ଦାବି କରାଯାଇଛି। ଗୋଷ୍ଠୀ ଶୌଚାଳୟ ନ ଥିବାରୁ ବଜାରର ଶ୍ରୀରାମ ମନ୍ଦିର ସାମ୍ନା ଓ ହାଇସ୍କୁଲ ମୁଖ୍ୟ ଫାଟକ ନିକଟସ୍ଥ ସ୍ଥାନ ସାଧାରଣ ଲୋକଙ୍କ ଖୋଲା ଶୌଚାଳୟ ପାଲଟି ଯାଇଛି। ସେଠାରେ ପଚି ଯାଇଥିବା ପରିବା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପକାଇବା ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଏହାକୁ ନେଇ ହାଇସ୍କୁଲ ଛାତ୍ରୀଛାତ୍ର ଓ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଦୂଷିତ ପରିବେଶ କାରଣରୁ ହାଇସ୍କୁଲ ମୁଖ୍ୟ ଫାଟକ ପାଖରେ ଥିବା ଟ୍ୟୁବୱେଲରୁ ପାଣି ପିଇବା ମଧ୍ୟ ସମ୍ଭବ ହେଉନାହିଁ। ଏସବୁ ସମସ୍ୟାର ସମାଧାନ ପାଇଁ ବଜାରରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବାକୁ କମିଟି ସଭାପତି ପ୍ରଭାକର ପାତ୍ର, ସମ୍ପାଦକ ଦିଲୀପ ମହାନ୍ତି ପ୍ରମୁଖ ନଗୁଆଁ ପଞ୍ଚାୟତ ସରପଞ୍ଚଙ୍କ ନିକଟରେ ଦାବି କରିଛନ୍ତି।

# ରାସ୍ତା ପାର୍ଶ୍ୱରେ ବିପଦସଙ୍କୁଳ ଟ୍ରାନ୍ସଫର୍ମର

ଗୋପବନ୍ଧୁ ନଗର,୨୭।୪ (ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତର ବାଲିଯୋଡ଼ାଠାରେ ନାଲୁହା ନଦୀ କୂଳରେ ଅବସ୍ଥିତ ପଶ୍ଚିମା ଠାକୁରାଣୀଙ୍କ ନିକଟରେ ପ୍ରାୟ ୫୦ ବର୍ଷ ତଳୁ ଏକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଥିଲା। ତେବେ ମୁଖ୍ୟ ରାସ୍ତାକୁ ଲାଗି ଏହି ଟ୍ରାନ୍ସଫର୍ମରଟି ଥିଲେ ମଧ୍ୟ ତାହା ସାଧାରଣ ଲୋକ ଓ ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ବିପଦ ପାଲଟିଛି। ଉକ୍ତ ଟ୍ରାନ୍ସଫର୍ମର ଚାରି ପାଖରେ ଅଦ୍ୟାବଧି ସୁରକ୍ଷା ବାଡ଼ ବସି ପାରିନାହିଁ। ତେବେ ଟ୍ରାନ୍ସଫର୍ମରକୁ ଆସିଥିବା ନିୟୁଟ୍ରାଲ ଓ ଫ୍ରେଜ ଦୁଇଟି ତାର ପାଇଁ ଥିବା ସ୍ୱତନ୍ତ୍ର ବାକ୍ସଟି ନଷ୍ଟ ହୋଇ ପଡ଼ିବା ଯୋଗୁ ତାହା ଖୋଲା ଅବସ୍ଥାରେ ରହିଛି। ଏପରିକି ବାଉଁଶରେ ବିଦ୍ୟୁତ୍ ତାରଗୁଡ଼ିକ ବନ୍ଧା ଯାଇଛି। ରାସ୍ତାର ଉନ୍ନତୀକରଣ ହେବା ପରେ ରାସ୍ତାଟି ଦୁଇ ତିନି ଫୁଟ ଉଚ୍ଚ ହୋଇଯିବା ଯୋଗୁ ଏହି ତାର ମାଟିଠାରୁ ମାତ୍ର ୩/୪ ଫୁଟ ଉଚ୍ଚରେ ରହିଛି। ଯାହା ଛୋଟ ଜୀବଜନ୍ତୁ କିମ୍ବା ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ବିଦ୍ୟୁତ୍ ବିଭାଗର ଏହି ଖାମଖିଆଲି ନୀତି ଯୋଗୁ ଆଗାମୀ ଦିନରେ ଧନ ଜୀବନ ନଷ୍ଟ ହେବା ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ବିପଦସଙ୍କୁଳ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର।

# ରେଳ ଓଭରବ୍ରିଜ୍ ଲୋକାର୍ପଣ ନେଇ ବିଜେଡି-ଭାଜପା ମୁହାଁମୁହିଁ

ରାଇବଣିଆ,୨୭।୪



ରେଳ ଓଭରବ୍ରିଜ୍ ଲୋକାର୍ପଣ କରାଯାଉଛି।

ବାଲେଶ୍ୱର ଜିଲା ଜଳେଶ୍ୱର ଅଧୀନ ପ୍ରସ୍ତାବିତ ରାଜଘାଟ ରେଳ ଓଭରବ୍ରିଜକୁ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଲୋକାର୍ପଣ କରିଛନ୍ତି। ଉକ୍ତ ରେଳ ଓଭରବ୍ରିଜ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ମିଳିତ ଅନୁଦାନରେ ନିର୍ମାଣ ହୋଇଥିବା ବେଳେ କାର୍ଯ୍ୟ ନ ସରୁଣୁ ଏମ୍‌ପି କାହିଁକି ଏହାକୁ ତରବରିଆ ଭାବେ ଉଦ୍‌ଘାଟନ କଲେ ଏହାକୁ ନେଇ ବିଜେଡି ପକ୍ଷରୁ ବିରୋଧ କରାଯାଇଥିଲା। ଉଭୟ ଦଳ ସମର୍ଥକମାନଙ୍କୁ ନେଇ ଏକପ୍ରକାର ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ରେଲୱେ ପୋଲିସ ସହିତ ୨ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ଖଡ଼ଗପୁର ଡିଆରଏମ୍ ଏନ୍‌ଏସ୍ ହସ୍‌ମି, ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ ରାଜେଶ କୁମାର ଓ ଅନ୍ୟ ବିଭାଗର ଅଫିସର ଏବଂ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲା ଉପସଭାପତି ପ୍ରବୀର ପ୍ରଧାନ, ସୁମତୀ ଦେ, ଅରୁଣ ବେଜ, ଫାଲଗୁନୀ ପାଣିଗ୍ରାହୀ, ଶାନ୍ତନୁ ପଟ୍ଟନାୟକ, ବିପ୍ଳବ ପ୍ରଧାନ, ସମୀର ପାତ୍ରଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ସଭାକୁ ବିରୋଧ କରି ଜଳେଶ୍ୱର ବିଜେଡି ପକ୍ଷରୁ ବିକ୍ଷୋଭ ସହିତ ପ୍ରତିବାଦ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ମାନସ ଜେନା, ନଗରପାଳ ପ୍ରତୀପ କୁମାର ପ୍ରଧାନ, ଉପାଧ୍ୟକ୍ଷ ସଞ୍ଚିତା ସେନାପତି, ବିଜେଡି ବ୍ଲକ ସଭାପତି ଦିଲୀପ ସାମଲ, ସରପଞ୍ଚ ଅଜୟ କୁମାର ମହାନ୍ତି, ମଧୁସୂଦନ ସେନାପତି, ଜ୍ୟୋତିର୍ମୟାନନ୍ଦ ପାଳ, ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ପ୍ରତିନିଧି ସତ୍ୟରଞ୍ଜନ ଦାସମହାପାତ୍ର, ନଗର ଯୁବ ସଭାପତି ଆନନ୍ଦ କର ଓ ମହମ୍ମଦ ନଗର ପାଟଣା ସରପଞ୍ଚ ଅରୁଣ କୁମାର ସେନାପତି ପ୍ରମୁଖ ରେଳ ବିଭାଗର ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିଥିଲେ।

## ଉତ୍ତର ବାଲେଶ୍ୱରରେ ଝଡ଼ବର୍ଷା, କୁଆପଥର ମାଡ଼

ଭୋଗରାଇ,(ଡି.ଏନ.ଏ.)-ବାଲେଶ୍ୱର ଜିଲା ଭୋଗରାଇ, ଜଳେଶ୍ୱର, ବାଲିଆପାଳ ଓ ବସ୍ତା ଅଞ୍ଚଳରେ ଗୁରୁବାର ୧୦ଟାରୁ ତାପମାତ୍ରା ବୃଦ୍ଧିପାଇ ୩୭ ଡିଗ୍ରୀରେ ପହଞ୍ଚି ଥିବାବେଳେ ସନ୍ଧ୍ୟାରେ ଝଡ଼ ବର୍ଷା ଓ କୁଆପଥର ମାଡ଼ ହୋଇଛି। କୁଆପଥର ମାଡ଼ଯୋଗୁ ବିଲରେ ଥିବା ପାଚିଲା ଧାନ, ତରଭୂଜ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ଗରମରୁ ଲୋକେ ଅସ୍ତବ୍ୟସ୍ତ ହେଉଥିବା ବେଳେ ସନ୍ଧ୍ୟାରେ ବର୍ଷା ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ହେଲେ ଚାଷୀ ସୁନାର ଫସଲ ଧାନ କାଟୁଥିବା ବେଳେ ଆକସ୍ମିକ ବର୍ଷା ଚାଷୀ କୂଳକୁ ପ୍ରଭାବିତ କରିଛି।



## ସଂକ୍ଷେପରେ

### ଦୋଷୀଙ୍କୁ ୫ ବର୍ଷ ଜେଲ

#### ମରଣାନ୍ତକ ଆକ୍ରମଣ ମାମଲା

ବାରିପଦା ଅଫିସ,୨୭।୪-ମୟୂରଭଞ୍ଜ ଜିଲା ଅତିରିକ୍ତ ଦୌରା ଜଜ ବାସୁଦେବ ଆଚାର୍ଯ୍ୟ ଗୁରୁବାର ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଦୋଷୀଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାରିପଦା ଟାଉନ ଥାନା ଅଧୀନ ପୋଡ଼ାଅସ୍ତିଆର ଦିଲ୍ଲୀପ ସିଂ (୨୭)। ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅକ୍ଟୋବର ୧୮ରେ ପୋଡାଅସ୍ତିଆ ଅଞ୍ଚଳରୁ କରମନାଚ ଦେଖି ଘରକୁ ଫେରୁଥିବା ସମୟରେ ଗଣେଶ ସିଂ(୪୫)ଙ୍କୁ ନିଶାଶକ୍ତ ଅବସ୍ଥାରେ ଅଭିଯୁକ୍ତ ଦିଲ୍ଲୀପ ଭୁଜାଲିରେ ଆକ୍ରମଣ କରିଥିଲେ। ଗଣେଶଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପିଆର୍‌ଏମ୍ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଏନେଇ ବାରିପଦା ଟାଉନ ଥାନା ପୋଲିସ ଏକ ମାମଲା(ନଂ.୯୦୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରୀ ଆଇନଜୀବୀ ବଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ପୋଲ ତଳକୁ ଖସି ଶ୍ରମିକଙ୍କ ମୃତ୍ୟୁ

ସୋର, ୨୭।୪(ଡି.ଏନ୍.ଏ.)-ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ଦହିସଡା ପଞ୍ଚାୟତ ଛପୋଲିଆ ଆଦିବାସୀ ସାହି ନିକଟରେ ପୋଲ ତଳକୁ ଖସି ପଡି ଜଣେ ଶ୍ରମିକର ମୃତ୍ୟୁ ହୋଇଛି। ଏହି ସାହି ନିକଟରେ ଏକ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଚାନ୍ଦିପୁର ଶାଳପଡା ଅଞ୍ଚଳରୁ ଶ୍ରମିକମାନେ ସେଠାରେ ନିୟୋଜିତ ହୋଇଥିଲେ। ବୁଧବାର ରାତିରୁ ଶାଳପଡା ଅଞ୍ଚଳର ଗୋପୀନାଥ କିସ୍କୁଙ୍କ ପୁଅ ଟିମା ସେଠାରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଖୋଜାଖୋଜି କରି ନ ପାଇ ଶୋଇ ପଡିଥିଲେ। ଗୁରୁବାର ସକାଳେ ଟିମାଙ୍କ ଭାଇ ତାଙ୍କୁ ପୋଲ ତଳେ ପାଣିରେ ପଡ଼ିଥିବା ଦେଖି ଅନ୍ୟ ଶ୍ରମିକଙ୍କ ସହ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ.୨୦/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ‘ମଣିଷ ଜୀବନ ଉତ୍ତରଣର ଏକ ଅନନ୍ତ ସମ୍ଭାବନା’

ବାଲେଶ୍ୱର ଅଫିସ,୨୭।୪



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ‘ମନୋଜାୟନ’ର ମିଳିତ ଆନୁକୂଲ୍ୟରେ ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ସାରସ୍ୱତ ସାଧକ ମନୋଜ ଦାସଙ୍କ ଦ୍ୱିତୀୟ ପୁଣ୍ୟତିଥି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମଣିଷ ଜୀବନ ଉତ୍ତରଣର ଏକ ଅନନ୍ତ ସମ୍ଭାବନା ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ।

ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଡ. ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ମନୋଜ ଦାସଙ୍କ ସାହିତ୍ୟ କିପରି ସାର୍ବକାଳିକ ମୂଲ୍ୟବୋଧଯୁକ୍ତ ଅଟେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପୁଣ୍ୟ ତିଥିରେ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ମନୋଜ ଦାସଙ୍କ ସ୍ମୃତି ଓ ସମ୍ମାନ ରକ୍ଷା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ସାମଗ୍ରୀକ କୃତିର ବିଶେଷତ୍ୱ ମନୋଜ ଦାସଙ୍କ ଗଳ୍ପ ଓ ଉପନ୍ୟାସର ଏକ ବିଷଦ ମୂଲ୍ୟାୟନ କରିଥିଲେ। ଅତିଥି ଭାବେ ‘ମନୋଜାୟନ’ର ସଭାପତି ରବିନାରାୟଣ ଦାଶ ଯୋଗଦେଇ ମନୋଜ ସାହିତ୍ୟରେ ମଣିଷର ମୁକ୍ତ ଇଚ୍ଛା ଓ ଦିବ୍ୟ ଉତ୍ତରଣର ସଂଘର୍ଷର ଚିତ୍ର ପ୍ରଦାନ କରିଥିଲେ। ଉପଦେଷ୍ଟା ପ୍ରାଧ୍ୟାପକ ସାନ୍ତ୍ୱନା ହାଲଦାର ଯୋଗଦେଇ ମନୋଜ ସାହିତ୍ୟରେ ଆମେ କିପରି ମଣିଷର

### ସାରସ୍ୱତ ସାଧକ ମନୋଜ ଦାସଙ୍କ ଦ୍ୱିତୀୟ ପୁଣ୍ୟତିଥି

### ‘ମନୋଜ ଦାସ ଆଣ୍ଡ ଲକ୍ଷ୍ମୀଜ୍ ଆଡ଼ଭେନ୍‌ଚର’ ଓ ‘ମନୋଜୀୟ ଅଭିପ୍‌ସା’ ଉନ୍ମୋଚିତ

ବିକୃତ ବ୍ୟବହାର ଭିତରେ ଦିବ୍ୟ ସମ୍ଭାବନା ଦେଖୁ ତାହା ଉଦାହରଣ ଦେଇ ବୁଝାଇଥିଲେ। ସମ୍ପାଦକ ଡ. ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇ ମନୋଜାୟନର କାର୍ଯ୍ୟକ୍ରମ ଏବଂ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ସ୍ମାରକ ପାଣ୍ଠି ବିନିଯୋଗ ଏବଂ ତତ୍‌ସହିତ ଜଡ଼ିତ ଦାତାମାନଙ୍କର ନାମ ଘୋଷଣା କରିଥିଲେ। କୁଳସଚିବ କୁକୁମିନା ଦାସ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ଲେଖକ ରୂପେ ଭାରତୀୟ ସାହିତ୍ୟ ତଥା ଓଡ଼ିଆ ସାହିତ୍ୟକୁ ମନୋଜ ଦାସଙ୍କର ପ୍ରମୁଖ ଅବଦାନ ସମ୍ପର୍କରେ ତଥ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଅତିଥିମାନଙ୍କ ଦ୍ୱାରା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ଲିଖିତ ଇଂରାଜୀ ପୁସ୍ତକ ‘ମନୋଜ ଦାସ ଆଣ୍ଡ ଲକ୍ଷ୍ମୀଜ ଆଡ଼ଭେନଚର’ ଏବଂ ଓଡ଼ିଆ ପୁସ୍ତକ ‘ମନୋଜୀୟ ଅଭିପ୍‌ସା’ ଉନ୍ମୋଚନ କରିଥିଲେ। ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ମାମୁନି



@ବିମଳା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ୬ମାସ ପରେ ଘରକୁ ଫେରିଲେ ବାଂଲାଦେଶୀ ମତ୍ସ୍ୟଜୀବୀ

ପଦ୍ମପୁର, ୨୭।୪(ଡି.ଏନ.ଏ.)



କଷିଆରେ ଥିବା ୧୦ ବାଂଲାଦେଶୀ ମତ୍ସ୍ୟଜୀବୀ।

୬ମାସ ପରେ ଗୁରୁବାର ସ୍ୱଦେଶକୁ ଫେରିଲେ ୧୫ ବାଂଲାଦେଶୀ ମତ୍ସ୍ୟଜୀବୀ। ଗତବର୍ଷ ଅକ୍ଟୋବରରେ ସାମୁଦ୍ରିକ ଝଡ଼ ବେଳେ ସେମାନଙ୍କୁ ସମୁଦ୍ରରୁ ଉଦ୍ଧାର କରାଯାଇଥିଲା। ସେବେଠାରୁ ସେମାନେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ଓ ଧାମରା ସାମୁଦ୍ରିକ ଥାନା ପୋଲିସ ହେପାଜତରେ ଥିଲେ। ପୋଲିସ ପ୍ରଶାସନ ସହାୟତାରେ ସେମାନଙ୍କୁ ନିଜ ଦେଶକୁ ପଠାଇଛି। ଏତେଦିନ ପରେ ଘରକୁ ଯାଉଥିବାରୁ ସେମାନେ ଖୁସିବ୍ୟକ୍ତ କରିଥିଲେ।

ପ୍ରକାଶ ଯେ, ଗତ ଅକ୍ଟୋବରରେ ଏହି ମତ୍ସ୍ୟଜୀବୀମାନେ ଝଡ଼ ସମୟରେ ବୋଟ୍ ଦୁର୍ଘଟଣାଗ୍ରସ୍ତ ଯୋଗୁ ସମୁଦ୍ରରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଏକ ବୋଟ୍ ୧୦ଜଣଙ୍କୁ ଉଦ୍ଧାର କରି କଷିଆ ସାମୁଦ୍ରିକ ପୋଲିସ ଜିମା ଦେଇଥିଲା। ସେହିପରି ଧାମରା ଅଞ୍ଚଳରୁ ୫ଜଣଙ୍କୁ

### ଝଡ଼ ବେଳେ ସମୁଦ୍ରରୁ ଉଦ୍ଧାର ହୋଇଥିଲେ

ଉଦ୍ଧାର କରାଯାଇଥିଲା। ସେମାନଙ୍କ କାଗଜପତ୍ର ଯାଞ୍ଚ ସହ ଆବଶ୍ୟକ ଅନୁମତି ସରକାରଙ୍କଠାରୁ ଆସିବା ପରେ ବସ୍ ଯୋଗେ ସେମାନଙ୍କ ଦେଶକୁ ପଠାଯାଇଛି। ଧାମରାରୁ ପ୍ରଶାସନ ସହାୟତାରେ ୫ ମତ୍ସ୍ୟଜୀବୀଙ୍କୁ ଏକ ଗାଡ଼ିରେ କଷିଆକୁ ଅଣାଯାଇଥିଲା। ସେଠାରେ ଥିବା ୧୦ଜଣଙ୍କୁ ମିଶାଇ ୧୫ଜଣଙ୍କୁ ପଠାଯାଇଛି। ବିଡିଓ ସତ୍ୟଜିତ ରାଉତ, କଷିଆ ସାମୁଦ୍ରିକ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟଜୀବୀମାନଙ୍କୁ ୬ମାସ ପରେ ଘରକୁ ଫେରିବାରେ ସହାୟତା କରିଥିବାରୁ ସେମାନେ ପ୍ରଶାସନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଚୋରି ଅଭିଯୋଗରେ ୩ ଗିରଫ

### ୭ ଲାପଟପ୍, ଆଇପ୍ୟାଡ୍, ୧୯ମୋବାଇଲ ଜବତ

ବାରିପଦା ଅଫିସ,୨୭।୪

ବାରିପଦା ଟାଉନଥାନା ପୋଲିସ ୩ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୭ଟି ଲାପଟପ୍, ଗୋଟିଏ ଆଇପ୍ୟାଡ୍ ଓ ୧୯ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଜବତ ହୋଇଥିବା ଟାଉନ ଥାନା ପୋଲିସ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ହେଲେ ତାମିଲନାଡୁ ଭୋଲୋର ଅଞ୍ଚଳର ପ୍ରକାଶ ମୂର୍ତ୍ତି, ପି ବାଲାଜି ଓରଫ ମୁନିୟାପ୍ପାନ ଓ କୁମାର ଆପ୍ପାରାଓ। ଏହି ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗକୁ ମଙ୍ଗଳବାର ରାତିରେ ତକତପୁର ଅଞ୍ଚଳରୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ ଓ ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି।

# ୩ ମନ୍ଦିରରୁ ଚୋରିର ପର୍ଦ୍ଦାଫାଶ



ଚୋରି ସାମଗ୍ରୀ ଉଦ୍ଧାର ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି।

ବସ୍ତା, ୨୭।୪(ଡି.ଏନ.ଏ.)

- ଅଢେଇ କେଜିରୁ ଊର୍ଦ୍ଧ୍ୱ ଅଳଙ୍କାର ଉଦ୍ଧାର
- ୨ ପୁରୁଷ ସମେତ ୧୫ ଅଟକ

ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳରେ ଗୋଟିଏ ରାତିରେ ୩ ମନ୍ଦିର ଚୋରି ରାକେଟର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ୨ ପୁରୁଷ, ମହିଳା ଓ ପିଲାମାନଙ୍କ ସହ ୧୫ଜଣଙ୍କୁ ଅଟକ ରଖାଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ପୋଲିସ ସେମାନଙ୍କଠାରୁ ଅଢେଇ କେଜିରୁ ଊର୍ଦ୍ଧ୍ୱ ସୁନା ରୁପା ଉଦ୍ଧାର କରିଛି।

ମଙ୍ଗଳବାର ରାତିରେ ବସ୍ତା ଥାନା ବ୍ରାହ୍ମଣଦା ପଞ୍ଚାୟତ ଭଗବତୀ ମନ୍ଦିର, ରଣାମୁଣ୍ଡଲୀ ଗ୍ରାମର କାଳିକା ମନ୍ଦିର, ବସ୍ତା ବଜାରସ୍ଥିତ ସିଦ୍ଧି ବିନାୟକ ମନ୍ଦିରରୁ ଚୋରି କରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ତେବେ ବ୍ରାହ୍ମଣଦା ପଞ୍ଚାୟତର କେତେଜଣ ଲୋକ ୫ଟି ଦଳରେ ଗଠିତ ହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ରାଜଘାଟ ରେଳଷ୍ଟେଶନରେ କେତେଜଣ ବନଜାରା ଟ୍ରେନ ଛିଡ଼ା ହୋଇଥିବା ଦେଖି ଇତସ୍ତତଃ ହୋଇ ଗାଡ଼ିରେ ଉଠିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ସେମାନଙ୍କର ବ୍ୟାଗ ସବୁ ଯାଞ୍ଚ କରିଥିଲେ। ଏଥିରେ ଠାକୁରାଣୀଙ୍କ ଗହଣା ମିଳିବା ପରେ ଗ୍ରାମବାସୀ ବସ୍ତା ଥାନାକୁ ଖବର ଦେଇଥିଲେ। ତେବେ ପୋଲିସ ପହଞ୍ଚି ୬ଜଣ ମହିଳା, ୧୫ଜଣ ପିଲା ସମେତ ୨ଜଣ ପୁରୁଷଙ୍କୁ ଅଟକ ରଖିଥିବା ଏସ୍‌ଡିପିଓ ଜଳନ୍ଧର ଜାଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ସମସ୍ତ ବନଜାରା ପଶ୍ଚିମବଙ୍ଗ ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ନିକଟରୁ ଅଢେଇ କେଜିରୁ ଊର୍ଦ୍ଧ୍ୱ ସୁନା ରୁପା ଉଦ୍ଧାର କରାଯାଇଛି। ତେବେ ଦିନରେ ଏହି ବନଜାରାମାନେ ବିଭିନ୍ନ ସ୍ଥାନରେ ବୁଲାବୁଲି କରି ଛୋଟ ଛୋଟ କୁକୁଡ଼ା ତଥା ଅନ୍ୟାନ୍ୟ ଜିନଷପତ୍ର ଚୋରି କରୁଥିବା ବେଳେ ରାତିରେ ବିଭିନ୍ନ ମନ୍ଦିରକୁ ଟାର୍ଗେଟ କରି ଲୁଟୁଥିବା ଜଣାଯାଇଛି। ସେମାନେ ବ୍ୟବହାର କରୁଥିବା ବିଭିନ୍ନ ହତିଆର ମଧ୍ୟ ଜବତ ହୋଇଥିବା ପୋଲିସ ସୂଚନା ଦେଇଛି।

# ସଂକୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଶିକ୍ଷୟିତ୍ରୀ।

ଭଦ୍ରକ ଅଫିସ, ୨୭।୪ (ସ୍ୱ.ପ୍ର.)

ଭଦ୍ରକ ନୂଆବଜାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ସଂକୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସଂକୁଳର ୭ ବିଦ୍ୟାଳୟରୁ ୧୪୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟଶାଳାରେ ଅଂଶଗ୍ରହଣ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଦୀପ୍ତିମୟୀ ଦାଶ, ବିଦ୍ୟାଳୟର ସଭାପତି ହୃଷିକେଶ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ଦାସ, ଶିକ୍ଷା ବିକାଶ ସମିତିର ପୂର୍ବତନ ଛାତ୍ର ସଂଯୋଜକ ତଥା ପ୍ରାନ୍ତ ପ୍ରଚାର ପ୍ରମୁଖ ଭାଗବତ ମହାଳିକ, ପରିଚାଳନା ସମିତି କୋଷାଧ୍ୟକ୍ଷ ବସନ୍ତ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ରଶ୍ମିତା ଦାଶ, ଡା. ପବିତ୍ର ପଟ୍ଟନାୟକ, ଖବରଦାତା ରବିନାରାୟଣ ଖିଲାର, ଶିକ୍ଷାବିତ୍ ଗୋବିନ୍ଦ ରାଉତ, ସାମାଜିକ କର୍ମୀ ମାନସ ମହାନ୍ତି, ପଦ୍ମନାଭ ମଲ୍ଲିକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି।

# ହାତୀ ଭାଙ୍ଗିଦେଲା ଘର

ମୋରଡ଼ା,୨୭।୪(ଡି.ଏନ.ଏ): ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନାହିଁ। ବର୍ଷତମାମ ଖାଡ଼ଖଣ୍ଡୀ ଓ ଶିମିଳିପାଳ ହାତୀପଲ ବ୍ୟାପକ କ୍ଷୟକ୍ଷତି ଘଟାଉଥିବା ବେଳେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଲୋକେ ଉପଯୁକ୍ତ କ୍ଷତିପୂରଣ ପାଇପାରୁ ନ ଥିବା ଅଭିଯୋଗ କରୁଛନ୍ତି। ଏହି ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ଅସ୍ତିଆ ଗ୍ରାମର ସୁରେଶ ହେମ୍ବ୍ରମଙ୍କ ଘରକୁ ବୁଧବାର ବିଳମ୍ବିତ ରାତିରେ ଶିମିଳିପାଳ ହାତୀ ଭାଙ୍ଗି ଦେଇଥିବାବେଳେ ପରିବାରର ୪ଜଣ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବର ପାଇ ଚିତ୍ରା ଫରେଷ୍ଟ ଗାର୍ଡ ରୁବିତା ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗିଦେଇଥିବା ଘର।

## ମଲ୍ଲୀପଶି ରଥଯାତ୍ରା ପାଇଁ ପୁରୀରୁ ଆଜ୍ଞାମାଳ ଆସିଲା

ପାଟଣା,୨୭।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲୀପଶି ରଥଯାତ୍ରା ପାଇଁ ଗୁରୁବାର ପୁରୀରୁ ଆଜ୍ଞାମାଳ ଆସିଛି। ଆଜ୍ଞାମାଳକୁ ମଲ୍ଲୀପଶି ଗ୍ରାମର ଆଦିତ୍ୟବାହିନୀ, ଆନନ୍ଦବାହିନୀର ସଦସ୍ୟା ସଦସ୍ୟ କାଶିଆ ଜଙ୍ଗଲ ଗାଁ ମୁଣ୍ଡରେ ଉପସ୍ଥିତ ରହି ସ୍ୱାଗତ କରି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପାଟଣା ଆଦିତ୍ୟବାହିନୀର ସମ୍ପାଦକ ଭାବଗ୍ରାହୀ ମହାନ୍ତ, ରଞ୍ଜନ ବାରିକ, ସ୍ଥାନୀୟ ରାଜା ରବିନାରାୟଣ ସିଂହ, ସୁଦର୍ଶନ ନାଏକ, ବିଜୟ ମହାନ୍ତ, ନିରାକାର ନାଏକ, ହର୍ଷ ବାରିକ, ବନମାଳୀ ଦେହୁରୀ, ହର୍ଷଚନ୍ଦ୍ର ସେଠୀ, ଘନଶ୍ୟାମ ମହାନ୍ତ, ଭାସ୍କର ଦାସ, ଦୁର୍ଯ୍ୟୋଧନ ମହାନ୍ତ, ନେତ୍ରାନନ୍ଦ ନାଏକ, ନିରାକାର ଦାସ ପ୍ରମୁଖ ପୁରୀରୁ ଆଜ୍ଞାମାଳ ଆଣିଥିଲେ। କାର୍ଯ୍ୟକ୍ରମକୁ ଆନନ୍ଦ ବାହିନୀର ଦମୟନ୍ତି ନାୟକ, ସୁନ୍ଦରୀ ନାଏକ, ହେମଲତା ରଣା, ଲକ୍ଷ୍ମୀପ୍ରିୟା ନାଏକ ପ୍ରମୁଖ ପରିଚାଳନା କରିଥିଲେ।

# ଦୋମୁହାଁ ନୀତିକୁ ନେଇ ବଢୁଛି ଅସନ୍ତୋଷ

### ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ

କେନ୍ଦୁଝର,୨୭।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨୦୨୨ ଅଗଷ୍ଟ ୯ରେ ସରିଯାଇଛି। ମାତ୍ର ସେମାନେ କ୍ଷମତାରେ ରହି ସଂଘର ନୀତିଦିନିଆ କାର୍ଯ୍ୟ କରୁଛନ୍ତି। ଏହାକୁ ନେଇ ଦୀର୍ଘ ୯ ମାସ ହେଲା କର୍ମକର୍ତ୍ତା, ଉପଦେଷ୍ଟା ଓ ଜିଲାର ଅଗଣିତ ଟ୍ରକ୍ ମାଲିକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଏ ଦିଗରେ ପ୍ରଶାସନ ଅଦାଲତର ଦ୍ୱାହି ଦେଇ ଚୁପ୍ ବସିଛି। କର୍ମକର୍ତ୍ତାମାନେ ଉପଦେଷ୍ଟା ମଣ୍ଡଳୀକୁ ବିଭିନ୍ନ ସମୟରେ ଦାୟିତ୍ୱ ହସ୍ତାନ୍ତର କରିବାର ପ୍ରତିଶ୍ରୁତି ଦେଇ ପୁଣି ଓହରି ଯିବାକୁ ନେଇ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଉପଦେଷ୍ଟା କୈଳାସ ଚନ୍ଦ୍ର ପଣ୍ଡା ଓ ଗୋପାଳ ଚନ୍ଦ୍ର ପରିଡ଼ା ପ୍ରକାଶ କରିଛନ୍ତି, ବେଆଇନ୍ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସମ୍ପାଦକ ସେମାନଙ୍କୁ ଭୋଟର ତାଲିକା ପ୍ରଦାନ କରିବା ଓ ନିର୍ବାଚନ ପ୍ରକ୍ରିୟାକୁ ଆଗେଇ ନେବାକୁ ଚିଠି ଦିଆଯିବା ସତ୍ତ୍ୱେ ସେ ଭୋଟର ତାଲିକା ପ୍ରଦାନ କରୁନାହାନ୍ତି। ନିର୍ବାଚନ ନ କରାଇ ବେଆଇନ୍ ଭାବେ ଗାଦି ମାଡ଼ି ବସିଥିବା କିଛି କର୍ମକର୍ତ୍ତା ପୂର୍ବ ନିର୍ବାଚିତ କମିଟିର କାର୍ଯ୍ୟକାଳ ପୂରିବା ପରେ ନିର୍ବାଚନ ଦାବିରେ ଆନ୍ଦୋଳନ କରିଥିଲେ। ଉକ୍ତ କର୍ମକର୍ତ୍ତାମାନେ ଚଳିତ କମିଟିରେ ନିର୍ବାଚିତ ହୋଇଥିବା ବେଳେ ଏବେ କାର୍ଯ୍ୟକାଳ ପୂରିଯାଇଥିଲେ ବି ନିର୍ବାଚନ ପାଇଁ ଆଗ୍ରହ ପ୍ରକାଶ ନ କରିବା ଟ୍ରକ୍ ମାଲିକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଯେଉଁ କର୍ମକର୍ତ୍ତା ନିର୍ବାଚନ ନ ହେବାରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇ ଥିଲେ, ଏବେ କିପରି ନିର୍ବାଚନକୁ ଏଡ଼ାଇ ଯାଉଛନ୍ତି ବୋଲି ପୂର୍ବତନ ଟ୍ରକ୍ ମାଲିକ ସଂଘ ସଭାପତି ରାମଚନ୍ଦ୍ର ଭୂୟାଁ ଓ ଟ୍ରକ୍ ମାଲିକ ଆୟଷକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହା ଯେଉଁ ମୁହଁରେ ଅରୁଆ ସେହି ମୁହଁରେ ଉଷୁନା ଭଳି ଦୋମୁହାଁ ନୀତି ବୋଲି ସେମାନେ ପ୍ରକାଶ କରିଛନ୍ତି।

# ବାଉଁଶ ଖୁଣ୍ଟରେ ୧୧କେଭି ବିଦ୍ୟୁତ୍ ତାର

ଯୋଡ଼ା/ଚମ୍ପୁଆ,୨୭।୪(ଡି.ଏନ୍.ଏ.)

- ବିପଦସଙ୍କୁଳ ଅବସ୍ଥାରେ ଗ୍ରାମବାସୀ
- ଦୁର୍ଘଟଣାକୁ ଅପେକ୍ଷା କରିଛି ବିଭାଗ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଆସେଇଁକଳା ଗ୍ରାମରେ ଏକ ବାଉଁଶ ଖୁଣ୍ଟରେ ୧୧ କେଭି ବିଦ୍ୟୁତ୍ ତାର ଟଣାଯାଇଛି। ଗ୍ରାମବାସୀ ବିପଦସଙ୍କୁଳ ଅବସ୍ଥାରେ ରହିଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ ଖୁଣ୍ଟ ପରିବର୍ତ୍ତନ ହେଉନାହିଁ। କିଛି ଅଘଟଣ ପରେ ବିଭାଗ ଖୁଣ୍ଟ ପରିବର୍ତ୍ତନ କରିବାକୁ ଅପେକ୍ଷା କରିଥିବା କ୍ଷୋଭର ସହ ଗ୍ରାମବାସୀ କହିଛନ୍ତି।

ପ୍ରକାଶ ଯେ, ଗ୍ରାମର କେତେଜଣଙ୍କ ଘର ଉପର ଦେଇ ଦୀର୍ଘଦିନ ହେବ ୧୧କେଭି ବିଦ୍ୟୁତ୍ ତାର ଯାଇଛି। ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ନ ହେବାରୁ ଉକ୍ତ ବିଦ୍ୟୁତ୍ ତାର ଓହଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଲୋକଙ୍କ ଘର ଉପର ଦେଇ ୧୧ କେଭି ତାର ଯାଇଥିବାରୁ ଲୋକେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଗ୍ରାମବାସୀ ମରାମତି କରିବାକୁ ସ୍ଥାନୀୟ ବିଭାଗୀୟ କର୍ମଚାରୀଙ୍କୁ ଜଣାଇବା ପରେ କିଛି ଫଳ ନ ମିଳିବାରୁ ଚମ୍ପୁଆ ବିଦ୍ୟୁତ୍ ଏସ୍‌ଡିଓଙ୍କୁ ଭେଟି ଏ ବାବଦରେ ଜଣାଇଥିଲେ। ତେବେ ଏହାର ମରାମତି କାର୍ଯ୍ୟ ନିଜେ କର, ବିଭାଗ ପକ୍ଷରୁ କରିବାକୁ ହେଲେ, କିଛି ଅର୍ଥ ଖର୍ଚ୍ଚ କରି ଖୁଣ୍ଟ କିଣିବାକୁ ପଡ଼ିବ, ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ କରିବାକୁ ପଡ଼ିବ ବୋଲି କୁହାଯାଇଥିବା ଗ୍ରାମବାସୀ କହିଛନ୍ତି। କୌଣସି ଉପାୟ ନ ପାଇ କେନ୍ଦୁଝରରୁ କିଛି ବିଦ୍ୟୁତ୍ ଉପକରଣ କ୍ରୟକରି ବାଉଁଶ ଅଗରେ ଲଗାଇ ୧୧କେଭି ତାରକୁ ଉପରକୁ ଉଠାଇ ରଖିଛନ୍ତି। ନିକଟ ଅତୀତରେ ଏହିପରି ବାଉଁଶ ଖୁଣ୍ଟରେ ତାରକୁ ଟେକି ରଖାଯାଇଥିବା ବେଳେ ତାହା ଜଳିଯାଇଥିବା ଗ୍ରାମବାସୀ ଖବରଦାତାଙ୍କ ଆଗରେ ପ୍ରକାଶ କରିଛନ୍ତି। ଏ ନେଇ ଯୋଡ଼ା ବିଦ୍ୟୁତ୍ ବିଭାଗ ଡିଭିଜନର ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ଜେନା ବିଦ୍ୟୁତ ତାର ଓହଳିଥିବା ଘଟଣାକୁ ଅସ୍ୱୀକାର କରିଥିଲେ। ବିଦ୍ୟୁତ୍ ତାରକୁ ସ୍ଥାନାନ୍ତରିତ ନ କରି ଘର ନିର୍ମାଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓଲଟା ଅଭିଯୋଗ କରିଥିଲେ। ତେବେ ଉକ୍ତ ଗ୍ରାମରେ ଦୀର୍ଘ ମାସ ହେବ ଏପରି ବିପଦପୂର୍ଣ୍ଣ ଭାବେ ରହିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯଦି ଖସି ପଡ଼ି କୌଣସି ଅଘଟଣ ଘଟେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଜିଲାପାଳ ଦୃଷ୍ଟିଦେବାକୁ ଗ୍ରାମବାସୀ ପବିତ୍ର ବେହେରା, କାଳନ୍ଦୀ ବେହେରା, ଗୋବିନ୍ଦ ଓରାମ, ଟୁଲୁ ଓରାମ, ହେମନ୍ତ ବେହେରା, ରଥ ବେହେରା, ଦାବି କରିଛନ୍ତି।



ବାଉଁଶ ଖୁଣ୍ଟରେ ଟଣାଯାଇଥିବା ବିଦ୍ୟୁତ୍ ତାର।

